ତନ୍ମଧ୍ୟରେ ଅସ୍ପୃଶ୍ୟତା ନିବାରଣ, ଖଦି ପ୍ରସାରଣ, ନିଶା ନିବାରଣ କୁଷ୍ଠରୋଗୀ ଚିକିତ୍ସା, ମୌଳିକ ଶିକ୍ଷା, ସାଂପ୍ରଦାୟିକ ଏକତା, ବାଲ୍ୟବିବାହ ନିରାକରଣ, କୃଷକ ସମାଜ ଗଠନ, ପ୍ରାକୃତିକ ଦୁର୍ବିପାକରେ ବିପନ୍ନ ଜନସାଧାରଣଙ୍କୁ ରିଲିଫ୍ ଯୋଗାଇବା ପାଇଁ ନିପଟ ମଫସଲରେ ଆଶ୍ରମ ସ୍ଥାପନ କରିବା ଥିଲା ତାଙ୍କର ଅନ୍ୟତମ ସଫଳତା । ଏତଦ୍‌ବ୍ୟତୀତ ୧୯୩୪ରେ ସେ ଗାନ୍ଧିଜୀଙ୍କ ସହ ପଦଯାତ୍ରା କରିଥିଲେ । ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କର ପ୍ରୋତ୍ସାହନରେ ବିନୋବାଙ୍କର ପଦଯାତ୍ରା ଓ ଭୂମିଦାନ ଆନ୍ଦୋଳନରେ ସେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ୧୯୫୮–୬୦ ଭାରତ ସେବକ ସମାଜର ସେ ସଂଗଠକ ଥିଲେ ।

ବାଲେଶ୍ୱର ଜିଲ୍ଲା ସ୍ୱାଧୀନତା ସଂଗ୍ରାମୀ ସଂଘର ସେ ସଭାପତି ଥିଲେ । ଉପଦେଶ ଛଳରେ ସେ କହୁଥିଲେ ସ୍ୱାଧୀନତା ସଂଗ୍ରାମୀମାନେ ସଂଗଠିତ ହୋଇ ଗାନ୍ଧୀମାର୍ଗରେ ସମାଜ ସେବା ନକରିଲେ ଭତ୍ତା ଗ୍ରହଣ କରିବା ସେମାନଙ୍କ ପକ୍ଷେ ଅନ୍ୟାୟ । ତାଙ୍କ ଜୀବନ ଶୈଳୀକୁ ଅନୁଧ୍ୟାନ କଲେ ଜଣାଯାଏ, ସେ ଏହାକୁ ଅକ୍ଷରେ ଅକ୍ଷରେ କାର୍ଯ୍ୟକାରୀ କରିବା ଦିଗରେ ଶେଷ ନିଃଶ୍ୱାସ ତ୍ୟାଗ ପର୍ଯ୍ୟନ୍ତ ଚେଷ୍ଟିତ ଥିଲେ ।

୧୯୭୪ ମସିହା ଡିସେମ୍ବର ୪ ତାରିଖରେ ତାଙ୍କର ପରଲୋକ ହୋଇଥିଲା । ସେ ଆଜି ନାହାନ୍ତି ସତ, ହେଲେ ରଖିଦେଇ ଯାଇଛନ୍ତି ଚିରନ୍ତନ ସ୍ମୃତି । ତାଙ୍କ ପରି ଜଣେ ନିଷ୍ପାପର ସଂଗ୍ରାମୀ ଓ ଉତ୍ସର୍ଗୀକୃତ ମଣିଷ ବାସ୍ତବରେ ଆଜି ବିରଳ । ଆମେ ତାଙ୍କ କଠୋର ସାଧନା, ଅପରିମିତ ସାହସ ଓ ଦେଶପ୍ରୀତିରେ ଅନୁପ୍ରାଣିତ ହେବା ସଙ୍ଗେ ସଙ୍ଗେ ଆମ ଯୁବପିଢ଼ି ଉତ୍ତମ ବୁଝାମଣା ସହ ଆମ ସହାବସ୍ଥାନରେ କାନ୍ଧକୁ କାନ୍ଧ ମିଳାଇ କାର୍ଯ୍ୟ କଲେ ଆମ ସାମାଜିକ ଜୀବନ ସୁସ୍ଥ ଓ ସୁନ୍ଦର ରହିବା ସଙ୍ଗେ ଅଖଣ୍ଡତା ବଜାୟ ରହନ୍ତା ।

ଏମ୍.ଆଇ.ଜି–୧, ୪୨/୧
ହାଉସିଂବୋର୍ଡ କଲୋନୀ
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର–୧୬

# ହେ କଳା ଠାକୁର

ହଂସନାଥ ମୁଦୁଲି

ହେ କଳା ଠାକୁର
କି ସୁନ୍ଦର ଆହା ରୂପ ଶୋଭା ତୋହର
ମୋତେ ଭଲ ଲାଗେ ପୁଣି
ତା'ଠୁ ବଳି ସୁନ୍ଦର ତୋ ଗଢା ସଂସାର ।

ତୋ ଦେହ କଳାରୁ ଟିକେ ମାଗି ନେଇ
ରାତିର କଳା ସୁନ୍ଦର
ତୋ ଆଖି ନୀଳରୁ ଧାସେ ମାଖି ଦେଇ
ସୁନୀଳ ସିନା ସାଗର
ରାତିର ସାଗର ମଧୁମୟ ଦିଶେ
ତା'ଠୁ କିବା ମନୋହର !

ତୋ ବସନୁ ଟିକେ ହଳଦୀ ଲଗାଇ
ହସୁଥାଏ କନିଅର
ତୋ ପାଦରୁ ଧାସେ ଧୂଳି ବୋଳିହୋଇ
ଗରବ ବଡଦାଣ୍ଡର
ତୋ ହାତ ମଖାରେ ସାରା ଦୁନିଆଟା
ବହୁ ରଙ୍ଗେ ଝଲମଲ ।

ଖଣ୍ଡଗିରି (ଢୁମ୍‌ଢୁମା–କ)
ଭୁବନେଶ୍ୱର–୭୫୧୦୩୦

❖ ❖ ❖